## ସଂକ୍ଷେପରେ

### ମୋ କଲେଜ ଅଭିଯାନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୦।୩ (ଡି.ଏନ.ଏ) -ରବିବାର ମୁଖ୍ୟମନ୍ତ୍ରୀ ମୋ କଲେଜ ଅଭିଯାନର ଭର୍ଚ୍ୟୁଆଲ ମାଧମରେ ଉଦ୍‌ଘାଟନ କରିବେ। ପ୍ରତ୍ୟେକ କଲେଜରେ ଏହା କିପରି ପାଳନ କରାଯିବ ସେନେଇ ଶନିବାର ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି,ଉତ୍କଳ ସମ୍ମିଳନୀ ଅଧକ୍ଷ ପ୍ରକାଶ ପଟ୍ଟନାୟକ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ସୁରେଶ ସୋମାନି, ସରୋଜ ଚନ୍ଦ୍ର ବୁରୁଦା, ପ୍ରଭାକର ପ୍ରଧାନ, ନୃସିଂହ ଚରଣ ମହାନ୍ତି, ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବରିଷ୍ଠ ନାଗରିକମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳତା ନେଇ ଆଲୋଚନା କରିଥିଲେ। ଅଧାପକ ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିଲେ । ପ୍ରୀତ୍‌ପାଲ ସିଂ, ବସନ୍ତ କୁମାର ନାୟକ, ପି. ନବୀନ୍, ରମେଶ ଚନ୍ଦ୍ର ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନୃସିଂହ ମନ୍ଦିର ପରିଚାଳନା କମିଟି ଗଠିତ

କୁଡୁମୁଲୁଗୁମ୍ମା,୨୦।୩(ଡି.ଏନ.ଏ.)- କୁଡୁମୁଲୁଗୁମ୍ମା ଗ୍ରାମରେ ପ୍ରତିଷ୍ଠିତ ଲକ୍ଷ୍ମୀ ନୃସିଂହ ମନ୍ଦିର ଟ୍ରଷ୍ଟ ପାଇଁ ଏକ ପୂର୍ଣ୍ଣକାଳୀନ ପରିଚାଳନା କମିଟି ଗଠିତ ହୋଇଛି। ଏନେଇ ଅନୁଷ୍ଠିତ ବୈଠକକୁ ଆବାହକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପରିଚାଳନା କରଥିଲେ। ଗଠିତ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ସ୍ୱାଇଁ, ଉପସଭାପତି ଗଣେଶ ଦାସ, ସମ୍ପାଦକ ଗଣେଶ ପଟ୍ଟନାୟକ , କୋଷାଧକ୍ଷ ଭଗବାନ ସାହୁ ମନୋନୀତ ହୋଇଛନ୍ତି। ପରିଚାଳନା କମିଟ ସଦସ୍ୟ ରୂପେ ସାଧୁ ହନ୍ତାଳ, ଜଗନ୍ନାଥ ମାଝି,ବାଳକୃଷ୍ଣ ପ୍ରଧାନ୍, ଗୋପୀ ପାଙ୍ଗୀ,ରମାକାନ୍ତ ଧାକଡ, ହୃଷୀକେଶ ସେଠୀ ମନୋନୀତ ହୋଇଛନ୍ତି। ପରାମର୍ଶଦାତା ଭାବେ ସାହେବ ବାରିକ, ଶରତ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ରଥ, ପଦ୍ମଚରଣ ଦାସ ଓ ଆଇନଜୀବୀ ଭକ୍ତଚରଣ ବନିକ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ ମାଲକାନଗିରି ଜିଲାରେ ଏହା ହେଉଛି ଏକମାତ୍ର ନୃସିଂହ ମନ୍ଦିର।

### ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦଶମନ୍ତପୁର,୨୦।୩(ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡମ୍ବରୁଧର ମଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀ, ସମ୍ମାନିତ ଅତିଥିଭାବେ ଜିଲା କଂଗ୍ରେସର ରୂପକ ତୁରୁକ, ରାଜ୍ୟ ଯୁବ କଂଗ୍ରେସ ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ଖରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଦିଲୀପ କୁମାର ହିଆଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୫୭ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରି ବିଶେଷଜ୍ଞଙ୍କଠାରୁ ସ୍ୱାସ୍ଥ୍ୟ ପରାମର୍ଶ ନେଇଥିଲେ। ଯେଉଁମାନେ ନୂତନ ଭାବେ ଭିନ୍ନକ୍ଷମ ଚିହ୍ନଟ ହୋଇଛନ୍ତି ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମାଣପତ୍ର ପ୍ରଦାନ କରିବେ ବୋଲି ହିଆଲ କହିଛନ୍ତି ।

### ସିପିଆଇର ବିକ୍ଷୋଭ

ଜୟପୁର,୨୦।୩(ନି.ପ୍ର.): ସଂଯୁକ୍ତ କିଷାନ ମୋର୍ଚ୍ଚାର ସର୍ବଭାରତୀୟ ନେତା ରାକେଶ ଟିକାଏତ ଶୁକ୍ରବାର ଚଣ୍ଡିଖୋଲଠାରେ ଅନୁଷ୍ଠିତ କିଷାନ ମହାପଞ୍ଚାୟତରେ ଯୋଗଦେଇ କଟକରେ ଶିଖ ସମ୍ପ୍ରଦାୟର ଅନୁରୋଧକ୍ରମେ କଟକସ୍ଥିତ ଗୁରୁଦ୍ୱାରକୁ ଯାଇଥିଲେ। ସେଠାରେ ଆର୍‌ଏସ୍‌ଏସ୍ ଓ ଭାଜପା ପ୍ରୋତ୍ସାହିତ ସଙ୍ଗଠନ ଦେବସେନାର କର୍ମକର୍ତ୍ତାମାନେ ଟିକାୟତଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦରେ ଶନିବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା ପକ୍ଷରୁ ୨୬ ନଂ. ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି । ସେମାନଙ୍କ ଏହି କାର୍ଯ୍ୟ ଦେଶବ୍ୟାପୀ ଚାଲିଥିବା କୃଷକ ଆନ୍ଦୋଳନକୁ ମଜଭୁତ କରିବ। ମୋଦି-ଶାହାଙ୍କ ଶାସନ ବିରୋଧରେ ଦେଶର ଚାଷୀ, ମୂଲିଆ, ଶ୍ରମିକ, କର୍ମଚାରୀ ଓ ବୁଦ୍ଧିଜୀବୀ ଏକଜୁଟ ହୋଇ ପ୍ରତିବାଦ କରିବାକୁ ସିପିଆଇ ଆହ୍ୱାନ ଦେଇଛି। ଏହି କାର୍ଯ୍ୟକ୍ରମ ଯୁଧିଷ୍ଠିର ରାଉଳ, ପ୍ରମୋଦ କୁମାର ମହାନ୍ତି, ରାମକୃଷ୍ଣ ଦାସ,ନନ୍ଦ ହରିଜନ, ଶଶାଙ୍କ ମଣ୍ଡଳଙ୍କ ନେତୃତ୍ୱରେ ହୋଇଥିଲା।

# ପ୍ରଶ୍ନ ଉଠାଇଲା କଂଗ୍ରେସ: ସ୍ୱାଭିମାନ ଅଞ୍ଚଳ ଆନ୍ଧ୍ର ନା ଓଡ଼ିଶାର

- ବିଦ୍ୟାଳୟ ନିର୍ମାଣ ପାଇଁ ଏସ୍‌ଆର୍ କମ୍ପାନୀର ଅର୍ଥ ଖର୍ଚ୍ଚ ହେଉନି
- ବଣ୍ଡାଘାଟିରେ ପାଇଖାନା ନିର୍ମାଣରେ ଦୁର୍ନୀତି
- ଏପ୍ରିଲ ୫ ପରେ ରାଜରାସ୍ତାକୁ ଓହ୍ଲାଇବୁ

ମାଲକାନଗିର,୨୦।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଆନ୍ଧ୍ର ସୀମାନ୍ତରେ ଥିବା ଗ୍ରାମଗୁଡିକୁ ଆନ୍ଧ୍ର ସରକାର ନିଜ କବ୍‌ଜାକୁ ନେଇ ସେସବୁ ଗ୍ରାମରେ ବିଦ୍ୟାଳୟ, ଅଙ୍ଗନୱାଡି , ପାନୀୟ ଜଳ, ବିଦ୍ୟୁତ୍, ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେଉଛନ୍ତି। ଜିଲା ପ୍ରଶାସନର ଅଧିକାରୀମାନେ ସେହିସବୁ ଅଞ୍ଚଳକୁ ଯାଉ ନ ଥିବାରୁ ଆନ୍ଧ୍ର ନିଜ ପତିଆରା ଜାହିର କରୁଛି। ୨ ବର୍ଷ ହେଲା ଏସ୍‌ଆର୍ କମ୍ପାନୀ ସୀମାନ୍ତ ଗ୍ରାମରେ ବିଦ୍ୟାଳୟ ଖୋଲିବା ପାଇଁ ୧ କୋଟି ୩୦ଲକ୍ଷ ଟଙ୍କା ମାଲକାନଗିରି ଜିଲା ପ୍ରଶାସନ ନିକଟରେ ପଇଠ କରିଥିଲେ ମଧ ସୀମାନ୍ତ ଗ୍ରାମରେ ବିଦ୍ୟାଳୟ ନିର୍ମାଣ ହୋଇପାରୁନାହିଁ। ଏହାର ଫାଇଦା ଆନ୍ଧ୍ର ନେବାକୁ ପଛାଉନାହିଁ ବୋଲି ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ


ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝି ସୂଚନା ଦେଉଛନ୍ତି।

ଏମ୍‌ପି ପ୍ରଦୀପ ମାଝି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସ୍ୱାଭିମାନ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ମତ୍ସ୍ୟଚାଷ, କୃଷି କ୍ଷେତ୍ର ଲାଗି ବହୁ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ ବାସ୍ତବରେ ସେହି ଅଞ୍ଚଳର ସ୍ଥିତି ବଦଳୁନାହିଁ। ଜିଲାରେ ଥିବା ବଣ୍ଡା ଓ ଡିଡାଇ ଜନଜାତିଙ୍କ ସମସ୍ତ ଯୋଜନା ବାଟମାରଣା ହେଉଛି। ସ୍ୱଚ୍ଛ ଭାରତ ଯୋଜନାରେ ଖଇରପୁଟ ବ୍ଲକର ବଡଡୁରାଲ, ଅଣ୍ଡ୍ରାହଲ ଓ ମୁଦୁଲିପଡା ପଞ୍ଚାୟତରେ ୧୩୯୪ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଛି। ଧରପଗଡ ହେଲେ କେବଳ ପିଇଓ, ଜେଇ, ଜିଆର୍‌ଏସ୍‌ଙ୍କୁ ନିଲମ୍ବିତ କରି ପ୍ରଶାସନ ନିଜ ଦାୟିତ୍ୱ ସାରୁଛି। ଏଥିରେ ଲୋକଙ୍କ ସମସ୍ୟା ଦୂର ହେବ ନାହିଁ ବୋଲି ମାଝି କହିଛନ୍ତି। ସମସ୍ତ ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା,ପାଇଖାନା ପୁନଃ ନିର୍ମାଣ, ସୀମାନ୍ତ ଅଞ୍ଚଳରେ ବିଦ୍ୟାଳୟ ଗୃହ ନିର୍ମାଣ , ଉଚ୍ଚମାନର ରାସ୍ତା ଏବଂ ପୋଲ ନିର୍ମାଣ କରା ନ ଗଲେ ଏପ୍ରିଲ ୫ ପରେ ସ୍ୱାଭିମାନ ଅଞ୍ଚଳର ସମସ୍ତ ଯାତାୟାତ ବନ୍ଦ କରାଯିବ । ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ମାଝି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ , ନଗର କଂଗ୍ରେସ କମିଟି ସଭାପତି ଡି.ଶ୍ରୀନିବାସ ରାଓ, କାଲିମେଳା ବ୍ଲକ ଅଧକ୍ଷ ମାଲା ମାଢ଼ି , ଲକ୍ଷ୍ମୀକାନ୍ତ ମହାରଣା , ପ୍ରାଣକୃଷ୍ଣ ମଣ୍ଡଳ, ଛବି ଦାସ, ପର୍ଶୁରାମ ଭକ୍ତ, ପେଣ୍ଡ୍ରାପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପରିମଳ ବ୍ୟବସ୍ଥା ସୁଧାରିବାକୁ ପ୍ରୟାସ


ସହରର ବିଭିନ୍ନ ସ୍ଥାନ ବୁଲି ଦେଖୁଛନ୍ତି ଉପ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସାୟ।

ଜୟପୁର, ୨୦।୩ (ନି.ପ୍ର.)

ଜୟପୁର ଉପ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମକାନ୍ତ ସାୟ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ଲାଗି ଗୁରୁତ୍ୱାରୋପ କରିଛନ୍ତି। ସପ୍ତାହର ପ୍ରତି ଶନିବାର ଓ ରବିବାର ସେ ସହରସାରା ବୁଲି ଏହାକୁ ଅନୁଧ୍ୟାନ କରୁଛନ୍ତି। ଶନିବାର ସକାଳ ୬ଟାରେ ଉପ ଜିଲାପାଳ ପୌର କର୍ମଚାରୀଙ୍କ ସହ ସହରର ସାହି, ଗଳିକନ୍ଦି ବୁଲି ଦେଖିଥିଲେ। ୱାର୍ଡବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ୱାର୍ଡ ନଂ. ୨୬ ଓ ୨୭ର ନୁଆସାହିର ପ୍ରଥମ ଲାଇନ, ଦ୍ୱିତୀୟ ଲାଇନ, ତୃତୀୟ ଲାଇନ, ଜଗତଜନନୀ ରାସ୍ତା, ଭିଆଇପି ଲାଇନରେ ସଫେଇ କରିବା ସହିତ ମଶା ମରା ଔଷଧ, ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇଥିଲା। ଉପ ଜିଲାପାଳ ସାୟଙ୍କ ସହ ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୀତବାସ ବିଶ୍ୱାଳ ଉପସ୍ଥିତ ଥିଲେ ।

# ବଡ଼ଯାତ୍ରା ପାଇଁ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ମାଲକାନଗିରି,୨୦।୩(ଡି.ଏନ.ଏ.)

ମାଲକାନଗିରି ଜିଲାରେ ପ୍ରତି ୨ ବର୍ଷରେ ହୁଏ ପ୍ରସିଦ୍ଧ ବଡଯାତ୍ରା। ଚଳିତ ବର୍ଷ କୋଭିଡ୍ -୧୯ ଗାଇଡ୍ ଲାଇନ୍ ଅନୁଯାୟୀ ଯାତ୍ରା ହେବ। ଆନ୍ଧ୍ର-ଓଡିଶା ସୀମାନ୍ତ ପୋଲୁର ଠାରେ ତିନି ଠାକୁର ଏବଂ ଦେବୀ ମୃତ୍ୟୁଲୁମ୍ମା ପୋଲୁର ନଦୀ ପାର୍ ହୋଇ ଆନ୍ଧ୍ରକୁ ଯାଇ ସେଠାରେ ପୂଜାର୍ଚ୍ଚନା ପରେ ମାଲକାନଗିରି ଅଭିମୁଖେ ୨୨ରୁ ଯାତ୍ରା ଆରମ୍ଭ କରିବେ । ପୋଲୁର ଠାରେ ଶ୍ରଦ୍ଧାଳୁଙ୍କ ଭିଡ କମାଇବା, ସେମାନଙ୍କ ରହଣି , ଖାଦ୍ୟ ପେୟ , ନଦୀ ପାର୍ ହେବା , ବ୍ୟାରିକେଟ୍‌ରେ ଯାଇ ଠାକୁର ଦର୍ଶନ କରିବା , ଯାନବାହାନ ନିୟନ୍ତ୍ରଣ, ଶାନ୍ତଶୃଙ୍ଖଳା ଓ କୋଭିଡ୍ ନିୟମ ସମ୍ପର୍କରେ ଶୁକ୍ରବାର ଜିଲାପାଳ ଅନୁଧ୍ୟାନ କରିଥିବା ଶନିବାର ପୋଲୁରଠାରେ ପହଞ୍ଚି ବଡଯାତ୍ରା ନେଇ ହେଉଥିବା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି। ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମି, କାଲିମେଳା ବ୍ଲକ ଅଧକ୍ଷ ମାଲା ମାଢ଼ି, ତହସିଲଦାର ଗୁଣନିଧି ନାୟକ, କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ , ବିଡିଓ ଅଧିକାରୀ ଉମା ଶଙ୍କର ଦଳେଇ ପ୍ରମୁଖ ପୋଲେରୁ ଓ ମାନମ କୋଣ୍ଡାସ୍ଥିତ ଠାକୁରଙ୍କ ପୂଜା ସ୍ଥଳୀରେ ପହଞ୍ଚି ପୂଜକ, ସେବାୟତ ଓ ଗ୍ରାମବାସୀଙ୍କ ଆଲୋଚନା କରି ସ୍ଥିତି ପରଖିଛନ୍ତି। ଯେପରି କୋଭିଡ୍ -୧୯ ଗାଇଡ୍ ଲାଇନ୍ ଉଲ୍ଲଂଘନ ନ ହୁଏ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି।

# ମାଛର ଯତ୍ନ, ହାଚେରି ପରିଚାଳନା ନେଇ ପ୍ରଶିକ୍ଷଣ

କୋରାପୁଟ,୨୦।୩(ସ୍ୱ.ପ୍ର.)

କୋରାପୁଟ ଜିଲାରେ ମାଛର ଯତ୍ନ ଓ ହାଚେରିପରିଚାଳନା ନେଇ ଏକ ପ୍ରଶିକ୍ଷଣ ଶିବିର ସଦର ବ୍ଲକର ଦୟାନିଧିଗୁଡା ଗ୍ରାମସ୍ଥିତ ପ୍ରଗତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଫାର ବୈଜ୍ଞାନିକ ଡ. କାନ୍ତାଦାସ ମହାପାତ୍ର ଯୋଗଦେଇ ପୋଖରୀ ମାଛର ଚିହ୍ନଟୀକରଣ ଓ ତା'ର ଯତ୍ନ ସମ୍ପର୍କରେ ଚାଷୀଙ୍କୁ ତାଲିମ ଦେଇଥିଲେ। ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର ହାଚେରି ପ୍ରସ୍ତୁତି, ପରିଚାଳନା ଓ ମାଛ ଯାଆଁଳ ପ୍ରସ୍ତୁତି ଉପରେ ତାଲିମ ଦେଇଥିଲେ। ଆଗାମୀ ଦିନରେ ହାଚେରି ପାଇଁ କୋଟପାଡ, ବୋରିଗୁମ୍ମା ଓ କୋରାପୁଟ ବ୍ଲକରେ ୪ଟି ହାଚେରି ପ୍ରସ୍ତୁତ କରାଯିବ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ବୈଜ୍ଞାନିକ ଡ. ପ୍ରଭାତି ସାହୁ ମାଛ ଖାଦ୍ୟ ଓ ଯତ୍ନ ସମ୍ପର୍କରେ ଏବଂ ବୈଷୟିକ ଅଧିକାରୀ ବିଭୁଦତ୍ତ ମିଶ୍ର ସମନ୍ୱିତ ମାଛଚାଷ ସମ୍ପର୍କରେ ତାଲିମ ଦେଇଥିଲେ। ପ୍ରଗତି ପକ୍ଷରୁ କୋରାପୁଟ ଜିଲାର ୩ଟି ବ୍ଲକର ୨୦୦ ଜଣ ଚାଷୀ ସିଫା ସହାୟତାରେ ମାଛଚାଷ କରୁଛନ୍ତି। ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁନା ପଣ୍ଡା ମାଛଚାଷୀଙ୍କୁ ଉତ୍ସାହିତ କରିଥିଲେ। ଟିମ୍ ଲିଡର ମୁରଲୀଧର ଅଧିକାରୀ ଓ ସିଫାର ବୈଷୟିକ ଅଧିକାରୀ ଡ. ଜୟନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଯବାନଙ୍କ ଶେଷକୃତ୍ୟ



**ବୀର ଯବାନ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ**

ଟିକିରି,୨୦।୩(ଡି.ଏନ୍.ଏ.)

ଦିଲ୍ଲୀରେ ସିଆରପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଭାବେ କାର୍ଯ୍ୟ କରୁଥିବା ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୋଡ଼ିପାରି ଗ୍ରାମର ଜେମ୍‌ସ ଦାସ ନାୟକଙ୍କର ଗୁରୁବାର ରାତିରେ ପରଲୋକ ଘଟିଥିଲା। ଶନିବାର ସନ୍ଧ୍ୟାରେ ତାଙ୍କ ମରଶରୀର କୋଡ଼ିପାରିରେ ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସିଆର୍‌ପିଏଫ୍ ଡିଆଇଜି ବିଜୟ ସିଂ(ସମ୍ବଲପୁର ଜୋନ୍)ଙ୍କ ନେତୃତ୍ୱରେ ପୋଲିସ ସୁରକ୍ଷା ବଳୟରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଯବାନଙ୍କ ମରଶରୀର ଗାଁରେ ପହଞ୍ଚିଥିଲା। ଏହାପରେ ବୀର ଯବାନ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସ୍ତ୍ରୀ, ୨ ବର୍ଷର ପୁତ୍ର, ମା' ବାପା ଏବଂ ସମ୍ପର୍କୀୟଙ୍କ ଶେଷଦର୍ଶନ ପରେ ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଜେମ୍‌ସଙ୍କୁ କବର ଦିଆଯାଇଥିଲା। ଏହି ସମୟରେ କାଶୀପୁର ବ୍ଲକ୍‌ର ପ୍ରଶାସନିକ ଅଧିକାରୀ, ଦୋରାଗୁଡ଼ା ଥାନାଧିକାରୀ, ଅଣ୍ଡିରାକଞ୍ଚ ଥାନାଧିକାରୀ, ରାୟଗଡ଼ା ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଉତ୍କଳ ଆଲୁମିନାର ଅଧିକାରୀଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ରାସ୍ତାରେ ଅଞ୍ଚଳବାସୀ ଉପସ୍ଥିତ ରହି ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ ଏସ୍‌ପିଓ ପାଇଁ ଶୁକ୍ରବାର ରନ୍ ଟେଷ୍ଟବେଳେ ଜେମ୍‌ସ ଟଳିପଡ଼ିଥିଲେ। ତାଙ୍କୁ ଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ଶପଥ

**କାଲିମେଳା, କୁନ୍ଦୁରାରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ**

କାଲିମେଳା/କୁନ୍ଦୁରା, ୨୦।୩ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟିବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ସମସ୍ତ ବନାଞ୍ଚଳ ଅଧିକାରୀଙ୍କୁ ସତର୍କ କରାଯାଇଛି । ଏ ନେଇ ଜଙ୍ଗଲ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । କାଲିମେଳା ବନାଞ୍ଚଳ ଅଧୀନରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଯେପରି ନିଆଁ ନ ଲାଗିବ ଏବଂ ଜଙ୍ଗଲ ସୁରକ୍ଷା ଲାଗି ଗ୍ରାମବାସୀଙ୍କୁ ନେଇ ଗମ୍ପାକୋଣ୍ଡା ବିଟ୍ ଦରିଗୁଡା ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ଜଙ୍ଗଲରେ ନିଆଁ ନ ଲଗାଇ ଏହାର ସୁରକ୍ଷା କରିବାକୁ ଗ୍ରାମବାସୀ ଶପଥ ନେଇଥିଲେ। ସେହିପରି ଇଦିକୋଣ୍ଡା ଗ୍ରାମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ୱାର୍ଡମେମ୍ବର ଦଶରଥ ମାଢ଼ି, ଗାଁ ମୁଖିଆ ଈଶ୍ୱର ଚନ୍ଦ୍ର ମାଡକାମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ ଜଗନ୍ନାଥ ମନ୍ଦିରଠାରେ ଶୁକ୍ରବାର ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଏନେଇ ଜନ ସଚେତନତାର ଆବଶ୍ୟକ ରହିଛି ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏଥିରେ ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଏସ୍‌ଆଇ ଶିବା ରଣବିଦା, ଶିକ୍ଷୟିତ୍ରୀ ସବିତା ଶତପଥୀ, ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର, ଅଗ୍ନିଶମ ବିଭାଗ ଅଧିକାରୀ ରାଜକିଶୋର ଝାଙ୍କର,ଉତ୍କଳ ସମ୍ମିଳନୀ ସଭାପତି ପଣ୍ଡିତ ସୁଧୀର କୁମାର ମହାପାତ୍ର, ଆୟୁବ ମଣ୍ଡଳ ପ୍ରମୁଖ ଯୋଗଦେଇ ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ବନାଗ୍ନିକୁ କିପରି ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ନିଜ ମତ ରଖିଥିଲେ।

# ବସନ୍ତ, ହାଡ଼ଫୁଟି, ମିଳିମିଳାରୁ ରକ୍ଷା ପାଇଁ ଝାମିଯାତ୍ରା

ଜୟପୁର, ୨୦।୩ (ନି.ପ୍ର.)

ଜୟପୁର ଝାମିଯାତ୍ରା ପାଇଁ ଏବେ ଉତ୍ସବ ମୁଖର ହୋଇପଡିଛି । ଝାମି ଯାତ୍ରାରେ ଶିରଲୀ ଦେବୀଙ୍କୁ ପୂଜା କରାଯାଏ । ଶିବରାତ୍ରଠାରୁ ଆରମ୍ଭ ହୋଇଥାଏ ଏହି ଯାତ୍ରାର ପ୍ରସ୍ତୁତି । ଶିବରାତ୍ର ଦିନ ଶିବ ମନ୍ଦିରରେ ଏକ ପୂଜା କରାଯାଇଥାଏ। ପରେ ଝାମି ଦେବୀଙ୍କ ଆଜ୍ଞାମାଳ ଅଣାଯାଇ ଗୋଟିଏ ବାଳକକୁ ହଳଦୀ ଲଗାଇ ସଜେଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥାଏ । ବସନ୍ତ ଋତୁ ସରିବା ପରେ ବସନ୍ତ, ହାଡଫୁଟି, ମିଳିମିଳା, କାଛୁ, କୁଣ୍ଡିଆ ଭଳି ରୋଗରୁ ମୁକ୍ତି ପାଇଁ ରାଜରାଜୁଡା ଅମଳରୁ ଜୟପୁରରେ ପାଳିତ ହୋଇଆସୁଛି ଏହି ଝାମିଯାତ୍ର । ଶିବରାତ୍ର ପରେ ଫାଲଗୁନ ମାସ ଶୁକ୍ଲପକ୍ଷ ନବମୀ ତିଥି ଶନିବାର ଝାମି ଦେବୀଙ୍କୁ ବାଙ୍କମଠଠାରେ ଅସ୍ଥାୟୀ ମଣ୍ଡପରେ ପୂଜା କରାଯାଇଛି। ଏହି ଯାତ୍ରାରେ ବ୍ୟବସାୟୀମାନେ ଚଣା, ସାକରା, ମୁଢି ବିକ୍ରି କରିଥାନ୍ତି। ଶିବରାତ୍ରରେ ମହାଦେବଙ୍କ ଦର୍ଶନ ପରେ ପୂଜକ ପରିବାର ଫୁଲ ଟାଙ୍ଗୁଡି ଧରି ସହରର ସାହି ସାହି ବୁଲି ପ୍ରତି ଘରେ ହଳଦୀ ଓ ନିମ୍ବପତ୍ର ବାଣ୍ଟିଥାନ୍ତି। ଏହା ଦ୍ୱାରା ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ପ୍ରତିବଦଳରେ ଲୋକେ ଚାଉଳ, ପନିପରିବା ଓ କିଛି ଟଙ୍କା ସେହି ଟାଙ୍ଗୁଡିରେ ଦେଇଥାନ୍ତି। ମାନସିକ ରଖି ଶ୍ରଦ୍ଧାଳୁମାନେ ଫୁଲ ଝାଡୁ, କୁକୁଡା ଅଣ୍ଡା, ନଡିଆ, କଦଳୀ, ଫୁଲ ଦେବୀଙ୍କୁ ସମର୍ପଣ କରିଥାନ୍ତି।

# 'ଦୁରୁଆ'ଙ୍କୁ ଆଦିବାସୀ ମାନ୍ୟତା ଦାବି

କୁନ୍ଦୁରା, ୨୦।୩(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା, କୋଟପାଡ଼ ଏବଂ ବୈପାରୀଗୁଡ଼ା ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଦୁରୁଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦିଆଯାଉ ବୋଲି ନବରଙ୍ଗପୁର ଏମ୍‌ପି ସଂସଦରେ ଦାବି କରିଛନ୍ତି। ରାଜ୍ୟସ୍ତରୀୟ ଆଦିବାସୀ ଗବେଷଣା କେନ୍ଦ୍ର କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ବିଭିନ୍ନ ସମୟରେ ଦୁରୁଆମାନଙ୍କ ବିଷୟରେ ଉପସ୍ଥାପନା କରାଯାଇଛି। ଛତିଶଗଡ଼ର ଜଗଦଲପୁର, ଓଡ଼ିଶାର ମାଲକାନଗିରି ଭଳି ଅଞ୍ଚଳରେ ବସବାସ କରୁଥିବା ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ମିଳି ସାରିଛି। କିନ୍ତୁ ନବରଙ୍ଗପୁର ଲୋକସଭା ଆସନରେ ଥିବା କୋଟପାଡ଼, କୁନ୍ଦୁରା ଏବଂ ବୈପାରୀଗୁଡ଼ା ଅଞ୍ଚଳର ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ମିଳିନି ବୋଲି ଏମ୍‌ପି କହିଛନ୍ତି। ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ପରେ ମଧ ଦୁରୁଆଙ୍କୁ ଅବହେଳିତ ଏବଂ ଉପେକ୍ଷା କରାଯିବା ଦୁର୍ଭାଗ୍ୟର କଥା ବୋଲି ଆଦିବାସୀ ଗବେଷଣା ମଞ୍ଚର ଆବାହାକ ରାଜେନ୍ଦ୍ର ପ୍ରସାଦ ପାଢୀ କହିଛନ୍ତି। ଗତ ଦିନରେ କୁନ୍ଦୁରା ବ୍ଲକ ଆଦିବାସୀ ମହିଳା ମଞ୍ଚର ଉପାଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ବ୍ଲକ, ଜିଲା, ରାଜ୍ୟ ଏବଂ କେନ୍ଦ୍ରସ୍ତରୀୟ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନି। ଦୁରୁଆ ଜାତିରେ ଦୁରୁଆ, ଧାରୁଆ, ବରୁଆ ସଞ୍ଜ୍ଞା ମଧ ରହିଛି। ଏହାକୁ ନେଇ କୁନ୍ଦୁରା କୋଟପାଡ ଏବଂ ବୈପାରୀଗୁଡ଼ା ଅଞ୍ଚଳର ଦୁରୁଆ ଜନଜାତି ସଙ୍ଗଠନ କୋର୍ଟର ଆଶ୍ରୟ ନେଇଛନ୍ତି। କିନ୍ତୁ ଏ ଦିଗରେ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ କୌଣସି ପଦକ୍ଷେପ ନେଇ ନ ଥିବା ଜନଜାତି ସମାଜ ପ୍ରତି ଅବିଚାର ବୋଲି ବୁଦ୍ଧିଜୀବୀ ରାଧା ପ୍ରସାଦ ପାତ୍ର କହିଛନ୍ତି। ଦୁରୁଆଙ୍କୁ ଆଦିବାସୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଲଢେଇ ଚାଲିବ ବୋଲି ଏମ୍‌ପି କହିଛନ୍ତି।

# ୧ କି.ମି. ଚାଲିଲେ ମିଳେ ମୁନ୍ଦାଏ ପାଣି

- ପ୍ରଶାସନକୁ ଜଣାଇ ମିଳିନି ସୁଫଳ
- ଆଗାମୀ ଦିନରେ ଗ୍ରାମବାସୀ କରିବେ ଆନ୍ଦୋଳନ
- ପରିସ୍ଥିତି ଲାଗି ଦାୟୀ ରହିବ ପ୍ରଶାସନ

କୋରୁକୋଣ୍ଡା,୨୦।୩(ଡି.ଏନ୍.ଏ.)

ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିଚ୍ଛିନ୍ନାଞ୍ଚଳର ସମସ୍ତଙ୍କ ସମସ୍ୟା ଦୂର କରିପାରିନାହିଁ ପ୍ରଶାସନ। ଏବେ ମଧ ସ୍ୱାଭାବିକ ଚଳଣି ନେଇ ସୁବିଧା ସୁଯୋଗ ପାଇନାହାନ୍ତି ସ୍ୱାଭିମାନ ଅଞ୍ଚଳର ଅନେକ ଗ୍ରାମର ଗ୍ରାମବାସୀ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ଲାଗି ରହିଛି ସ୍ୱାଭିମାନ ଅଞ୍ଚଳରେ। ସେହିପରି ଏକ ଗ୍ରାମ ହେଉଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ନାରିଙ୍ଗଝୋଲା ଗ୍ରାମ। ଏହି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମରେ ପାନୀୟ ଜଳ ଗ୍ରାମବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ୧୦ବର୍ଷ ତଳେ ପାନୀୟ ଜଳ ପାଇଁ ଗ୍ରାମରେ ତିଆରି ହୋଇଥିଲା ଗୋଟିଏ କୂଅ । ସେହି କୂଅ ଏବେ ଅଚଳ ହୋଇପଡ଼ିଛି। ମୁନ୍ଦାଏ ପାଣି ପାଇଁ ଲୋକଙ୍କୁ ଗ୍ରାମ ବାହାରକୁ ଜଙ୍ଗଲୀ ରାସ୍ତା ଦେଇ ୧ କି.ମି. ଯିବାକୁ ପଡୁଛି। ସେଠାରେ ଥିବା ଚୁଆରୁ ପାଣି ଆଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଚୁଆପାଣି ପିଇ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ। ଏହି ଜଳ କଷ୍ଟ ଦୂରକରିବା ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ଜଣାଇ ନିରାଶ ହୋଇଛନ୍ତି। ଏଣିକି ସେମାନେ ପ୍ରଶାସନକୁ ନ ଜଣାଇ ଆନ୍ଦୋଳନ ରାସ୍ତା ବାଛିବେ ବୋଲି ସ୍ଥିର କରିଛନ୍ତି। ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି ନାରିଙ୍ଗଝୋଲାବାସୀ।


ଚୁଆରୁ ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ।

ଧରିତ୍ରୀ
DHARITRI
ରବିବାର | ୨୧, ମାର୍ଚ୍ଚ ୨୦୨୧

# BUSINESS EMINENCE AWARDS





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ୍ସ' ପ୍ରଦାନ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ। ଏହି ପୃଷ୍ଠାରେ ସ୍ଥାନିତ ହୋଇଛନ୍ତି ସମ୍ମାନିତ ହୋଇଥିବା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ।



**ଅବିନାଶ ସାମଲ**
ଏମ୍‌ପ୍ରିଓ ଗ୍ରୁପ୍

**ଆଦିତ୍ୟ ପାତ୍ର**
ଆଦିତ୍ୟ ଗ୍ରୁପ୍

**ଅଜୟ ବାହାଦୁର ସିଂ**
ଆକାଶ ଇନ୍‌ଷ୍ଟିଚ୍ୟୁଟ୍

**ଅର୍ଣ୍ଣଦୀପ ସିଂ**
ସନି ମୋଟର୍ସ

**ଅବିନାଶ ସିଂଘାଣିଆ**
ସ୍କାଏ ଅଟୋମୋବାଇଲ୍ସ

**ବଦ୍ରିନାରାୟଣ ସାମନ୍ତରାୟ**
ତୃପ୍ତି ଗ୍ରୁପ୍

**ବିଶ୍ୱଜିତ୍ ପଟ୍ଟନାୟକ**
ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ

**ବ୍ରହ୍ମାନନ୍ଦ ମେହେର**
ଅରୁନ୍ଧତୀ ଜୁଏଲର୍ସ

**ଦେବରାଜ ରଥ**
ସ୍ପେକ୍ଟ୍ରା ଭିଜନ୍



**ଦୁର୍ଗାପ୍ରସାଦ ରଥ**
ପଦ୍ମା ଏବଂ ଶ୍ରୀଦୁର୍ଗା ଗ୍ରୁପ୍ ଅଫ୍ କମ୍ପାନିଜ୍

**ଜୟପ୍ରକାଶ ଦିଦ୍‌ୱାନିଆ**
ଭାରତ ଗ୍ରୁପ୍

**ଜେ.କେ. ମହାନ୍ତି**
ସ୍ୱସ୍ତି ଗ୍ରୁପ୍

**ବିଜୟ କୁମାସାହୁ**
ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

**କମଲ ଏସ୍ ଅଗ୍ରୱାଲ**
ପିଜିଏଲ୍ ଗ୍ରୁପ୍

**ନିଶୀଥ ରଞ୍ଜନ ନନ୍ଦ**
ସମଷ୍ଟି ଇନ୍‌ଫ୍ରାଷ୍ଟ୍ରକ୍ଚର

**ପଲ୍ଲୀ ପଟ୍ଟନାୟକ**
ମଦର୍ସ ପବ୍ଲିକ୍ ସ୍କୁଲ

**ପ୍ରଦୀପ ଅଗ୍ରୱାଲ**
ଜେଏମ୍‌ଜି ଅଟୋମୋବାଇଲ୍ସ

**ପ୍ରକାଶ କୁମାର ବିଶ୍ୱାଳ**
ରାଜ୍ ଇଲେକ୍ଟ୍ରୋନିକ୍ସ

**ପ୍ରଶାନ୍ତ ଅଗ୍ରୱାଲ**
ୱିଫି ଇଣ୍ଟରନେଟ୍



**ପ୍ରିୟବ୍ରତ ଧୀର**
ସ୍ପର୍ଶ ହସ୍ପିଟାଲ

**ରବୀନ୍ଦ୍ର କୁମାର ଲେଙ୍କା**
ଜୟରାମ ଲେଙ୍କା ଆଣ୍ଡ ସନ୍ସ

**ରାଜନ୍ ଗୁଗ୍‌ନାନି**
ଗୁଗ୍‌ନାନି ଅଟୋଗ୍ରୁପ୍

**ରାଜୀନ୍ଦର ସିଂ**
କଳାମନ୍ଦିର

**ରାଜୀବ ଦୁବେ**
ରୋହନ ଅଟୋରାଇଡର୍ସ

**ସଞ୍ଜୀବ କୁମାର ପାତ୍ର**
ସାଣ୍ଡିଜ୍ ଟାୱାର

**ଦେବଜ୍ୟୋତି ପଟ୍ଟନାୟକ**
ଜ୍ୟୋତି ଗ୍ରୁପ୍

**ସଞ୍ଜୀବ କୁମାର ରାଉତ**
ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି

**ଶରତ କୁମାର ସାହୁ**
ରୁଚି ମସଲା

**ସାତ୍ୱିକ ସ୍ୱାଇଁ**
ଓଏଏସ୍‌ଏମ୍‌ଇ



**ସତ୍ୟବ୍ରତ ମୀନକେତନ**
ଓଡିଏମ୍ ଏଜୁକେଶନାଲ୍ ଗ୍ରୁପ୍

**ଶରଦ ବୈଦ**
ଉତ୍କଳ ବିଲ୍ଡର୍ସ ଲିମିଟେଡ୍

**ସୌନକ ରାଜ ପାରିକ**
ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲି.

**ଶିବ ପ୍ରସାଦ ପଣ୍ଡା**
ପଣ୍ଡା ଟ୍ରାଭେଲ ମାର୍ଟ

**ସିଦ୍ଧାର୍ଥ ଗର୍ଗ**
ଗର୍ଗସନ୍ ଗ୍ରୁପ୍

**ସିକତା ଦାଶ**
ବିଏମ୍‌ପିଏସ୍ ତକ୍ଷଶୀଳା ସ୍କୁଲ

**ସୋଫିଆ ଫିର୍‌ଦୋଶ**
ମେଟ୍ରୋ ବିଲ୍‌ଡର୍ସ

**ସୁନୀଲ ତନେଜା**
ଫିଲ୍ଟ ମୋଟର୍ସ ପ୍ରା.ଲି.

**ସୁଶାନ୍ତ କୁମାର ପଣ୍ଡା**
ଭାରତ ମସଲା

**ବିଶାଲ ଧାୱନ**
କନ୍‌ସୋର୍ଟିୟମ୍ ଅଟୋମୋବାଇଲ୍ସ ପ୍ରା.ଲି.

**ମିତେଶ ଖିମ୍‌ଜୀ**
ଖିମ୍‌ଜୀ ଜୁଏଲର୍ସ

**ରାୟଗଡ଼ାରେ ମାସ୍କ ଯାଞ୍ଚ କଡ଼ାକଡ଼ି**

ରାୟଗଡ଼ା ଅଫିସ-ରାଜ୍ୟରେ କରୋନା ସଂକ୍ରମଣ ବଢ଼ୁଛି। ଏଥିପାଇଁ ରାୟଗଡ଼ା ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସତର୍କତାକୁ ଗୁରୁତ୍ୱ ଦିଆଯାଉଛି। ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବିଭିନ୍ନ ଅଞ୍ଚଳରେ ମାସ୍କ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଶନିବାର ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ନିୟମିତ ହେଲ୍‌ମେଟ ଯାଞ୍ଚ ସହ ମାସ୍କ ମଧ ଯାଞ୍ଚ କରାଯାଇଥିଲା। ଏହିସମୟରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଗତ ୧୭ରୁ ୨୦ ତାରିଖ ମଧ୍ୟରେ ମାସ୍କ ଓ ହେଲ୍‌ମେଟ ନ ପିନ୍ଧିବା ଘଟଣାରେ ଅମାନିଆଙ୍କ ଠାରୁ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେଣୁ ଲୋକେ ସଚେତନ ହୁଅନ୍ତୁ ବୋଲି ଉପଜିଲାପାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଶନିବାର ରାୟଗଡ଼ା ଷ୍ଟେସନ ଛକ, ଡିଆଇବିଛକ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଛକ, ପିତ୍ଗୁଡିଛକରେ ଯାଞ୍ଚ କରାଯାଇଥିଲା। ଏହିସମୟରେ ଅନେକ ବାଲିବୋଝେଇ ଟ୍ରାକ୍ଟର ମଧ ବିନା ଲାଇସେନ୍ସରେ ଗାଡ଼ି ଚଲାଉଥିବା ନଜରକୁ ଆସିଥିଲା।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ନନ୍ଦାହାଣ୍ଡି , ୨୦। ୩ (ଡି.ଏନ୍.ଏ.)
ଡଙ୍ଗରଭେଜା ଫାଣ୍ଡି ନିକଟରେ ଶନିବାର ସନ୍ଧ୍ୟାରେ ଦୁଇଟି ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସାଗରମୁଣ୍ଡା ଗ୍ରାମର ଶ୍ରୀତମ କୋଟିମା। ଫାଣ୍ଡିଠାରୁ କିଛି ଦୂରରେ ଦୁର୍ଘଟଣା ଘଟିଥିବା ଦେଖି ଜଣେ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡିକୁ ଖବର ଦେଇଥିଲେ। ଗୁରୁତର ୨ ଜଣଙ୍କୁ ଆମ୍ବୁଲାନ୍ସରେ ଓ ଅନ୍ୟ ୩ ଜଣଙ୍କୁ ଦହଣା ଅଗ୍ନିଶମ ବିଭାଗ କର୍ମଚାରୀ ଦବକଳ ଗାଡିରେ ନବରଙ୍ଗପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ଶ୍ରୀତମଙ୍କୁ ମୃତ ଘୋଷଣା କରିଥିଲେ। ଏଠାରେ ରାସ୍ତା ପ୍ରଶସ୍ତ ହୋଇଥିବାରୁ ଚାଳକମାନେ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ଫାଣ୍ଡି ପାଖରେ ବାରିକେଟ ନ ଥିବାରୁ ଗାଡି ଚାଳକଙ୍କୁ ରୋକିବାରେ ଅସୁବିଧା ହେଉଛି ବୋଲି ଫାଣ୍ଡି ଅଧିକାରୀ ମୀନକେତନ ଗନ୍ତାୟତ କହିଛନ୍ତି।

### ୩୬ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

ଗୁଣପୁର,୨୦।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଟଲଣା ପଞ୍ଚାୟତର ପଲେଡ଼ା ଏବଂ ଟଲଣା ଗ୍ରାମର ୩୬ ହିତାଧିକାରୀଙ୍କୁ ଶକ୍ରବାର ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଟଲଣା ସରପଞ୍ଚ ଇନାନ ଶବର, ନିର୍ବାହୀ ଅଧିକାରୀ ଗୌରାଙ୍ଗ କାଦାମ୍ବାଲ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏହି ସମୟରେ ଉଭୟ ଗ୍ରାମର ଗ୍ରାମ କମିଟି ସଦସ୍ୟ, ଜିଆର୍‌ଏସ୍, ଜଙ୍ଗଲ ଜମି ଅଧିକାର କମିଟିର ସଦସ୍ୟ, ଏସ୍‌ଡିଏଲ୍‌ସି କର୍ମଚାରୀ, ମଙ୍ଗଳ ବିଭାଗର କର୍ମଚାରୀ ଏବଂ ଆର୍‌ଆଇମାନେ ଉପସ୍ଥିତ ଥିଲେ।

### ବିଶ୍ୱ ପଖାଳ ଦିବସ ପାଳିତ

ଗୁଣପୁର,୨୦।୩(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁରଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏବିଭିପିର କାର୍ଯ୍ୟକର୍ତ୍ତାମାନେ ଏହି ଦିବସକୁ ଉତ୍ସାହର ସହ ପାଳନ କରିବା ଦେଖିବାକୁ ମିଳିଥିଲା। ଏବିଭିପି ପୁରଣା କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଭେଙ୍କଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ପଖାଳ ଭାତ ସହ ଶାଗ, ଆଳୁ ଭର୍ତ୍ତା, ଘାଣ୍ଟ ତରକାରି ଏବଂ ଭଜା ଖାଇ ଏହି ଦିବସକୁ ପାଳନ କରିଥିଲେ।

### ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ପାପଡାହାଣ୍ଡି,୨୦।୩(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଲା ପଞ୍ଚାୟତ ଦିଶାରୀଗୁଡା ଗ୍ରାମର ଘାସିରାମ ଭତରାଙ୍କ ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନାହିଁ। ଶୁକ୍ରବାର ମଧ ରାତ୍ରରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିଥିବା ଜାଣିପାରି ପରିବାର ଲୋକ ଗୁହାଳକୁ ଯାଇ ଗୋରୁମାନଙ୍କୁ ଫିଟାଇଥିଲେ। ଏହି ସମୟରେ ତିନିବଖରା ନିଆଁ ଲାଗିଯାଇ ଧାନ ୫ କୁଣ୍ଟାଲ, ବାସନକୁସନ, ୩୦ହଜାର ଟଙ୍କା,ଆସବାବପତ୍ର ସହ ୧୦ଟି କୁକୁଡ଼ା ପୋଡିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛନ୍ତି।

# ଚାଲିଗଲେ ମା' ବାପା : ଗାଁ ଲୋକଙ୍କ ଭରସାରେ ୪ ଅସହାୟ ଶିଶୁ

ଉମରକୋଟ, ୨୦।୩(ଡି.ଏନ୍.ଏ.)

ଡକାଡକି ହୋଇ ଚାଲିଗଲେ ମା' ବାପା। ଛାଡ଼ି ଦେଇଗଲେ ୪ କୁନିକୁନି ଶିଶୁ। ଭୋକ ଲାଗିଲେ ରାନ୍ଧିକି ଗଣ୍ଡେ ଖାଇବାକୁ ଦେବାକୁ ଘରେ କେହି ନାହାନ୍ତି। ସାହିପଡ଼ିଶା ମିଶି ଖାଇବାକୁ ଦେଲେ ପେଟରେ ଦାନା ପଡ଼େ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ବନିପଦର ଗ୍ରାମରେ।

ଗାଁର ବୁକା ଗଣ୍ଡ। ସ୍ତ୍ରୀ ଓ ଚାରି ପିଲା (୨ଝିଅ, ୨ପୁଅ)ଙ୍କୁ ନେଇ ଚାଲିଥିଲା ତାଙ୍କର ହସ ଖୁସିର ସଂସାର। ତିନି ବର୍ଷ ପୂର୍ବେ ସ୍ତ୍ରୀ ସନ୍ତୁଳା ଗଣ୍ଡଙ୍କ ମୃତ୍ୟୁ ହୋଇଯାଇଥିଲା। କିଛିଦିନ ତଳେ ବୁକା ମଧ ପ୍ରାଣ ହରାଇଲେ। ତାଙ୍କର ୪ ପିଲା ଏବେ ବେସାହାରା। ବଡ଼ ଝିଅଟିର ବୟସ ମାତ୍ର ୧୨। ସେ ତିନି ଭଉଣୀ ଭାଇଙ୍କ

**ସରକାରୀ ସହାୟତାକୁ ଅପେକ୍ଷା**



ବୋଝ ଉଠାଇବାକୁ ସକ୍ଷମ ନୁହନ୍ତି। ଜମି ବୋଲି କହିଲେ ମାତ୍ର ଦୁଇ ଏକର। ବାପା ତାହାକୁ ସାହୁକାର ପାଖରେ ବନ୍ଧା ପକାଇଛନ୍ତି ବୋଲି କହିଛନ୍ତି ବୁକାଙ୍କ ବଡ଼ଝିଅ। ସେହିଭଳି ୪ ଭାଇଭଉଣୀ ରହୁଛନ୍ତି ଝାଟି ମାଟିର ଘରେ ; ଯାହାକି ଦୀର୍ଘଦିନ ହେଲା ଛପର ହୋଇନାହିଁ। ପ୍ରଶାସନ ଯଦି ସହାୟତାର ହାତ ନ ବଢ଼ାନ୍ତି ତେବେ ୪ଶିଶୁଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ୪ ଶିଶୁଙ୍କୁ ଥଇଥାନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ପ୍ରଶାସନକୁ କୁହାଯାଇଛି। ସେମାନଙ୍କୁ କୌଣସି ଅନାଥ ଆଶ୍ରମ କିମ୍ବା ଆଶ୍ରମ ବିଦ୍ୟାଳୟରେ ରଖାଯାଉ ବୋଲି ଗାଁର କର ଗୌଡ଼, ଶୁକ୍ର ଗଣ୍ଡ, ହରିରାମ ଗଣ୍ଡ,କେଶନାଥ ଗଣ୍ଡ, କୋଷମୁ ଗଣ୍ଡ, ନନ୍ଦଲାଲ ଗଣ୍ଡ, ମକର କମାର କହିଛନ୍ତି। ମା' ବାପା ବଞ୍ଚିଥିବା ବେଳେ ସବୁକିଛି ଠିକ୍‌ଠାକ୍ ଚାଲୁଥିଲା। ଏବେ ମାଗି ଯାଚି ଖାଇବାକୁ ପଡୁଛି। ଭାରି କଷ୍ଟ ଲାଗୁଛି। ସରକାର ସାହାଯ୍ୟ କଲେ ଭଲ ହୁଅନ୍ତା ବୋଲି ବୁକାଙ୍କ ପିଲାମାନେ କହିଛନ୍ତି। ଏ ନେଇ ବିଡିଓ ଦେବୀପ୍ରସାଦ ଟାଲିଙ୍କୁ ପଚାରିବାରୁ, ପ୍ରାଥମିକ ପଦକ୍ଷେପ ସ୍ୱରୂପ ପିଲାମାନଙ୍କୁ ନିକଟସ୍ଥ କୁର୍ସୀ ଆଶ୍ରମ ବିଦ୍ୟାଳୟରେ ରଖାଯାଇ ପାଠପଢ଼ା ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଅନ୍ୟ ସୁବିଧା ଯୋଗାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ତେନ୍ତୁଳିପଡ଼ା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୨୦।୩(ଡି.ଏନ୍.ଏ.)

**ପ୍ରଥମ ମ୍ୟାଚ୍‌ରେ ବେହେରାମୁଣ୍ଡା ବିଜୟୀ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ତେନ୍ତୁଳିପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ତେନ୍ତୁଳିପଡ଼ା ୟଙ୍ଗଷ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ନବରଙ୍ଗପୁରଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ଜମାଦାରପଡ଼ା ସରପଞ୍ଚ କନକଦେଇ ପୂଜାରୀ, ସରପଞ୍ଚ ହର ପୂଜାରୀ, ଯୁବରାଜ ଜଗତ, ସଚିନ ଚୌହାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଗାଟନ କରିଥିଲେ। ଏଥିରେ ଚନ୍ଦାହାଣ୍ଡି ବ୍ଲକର ୧୬ଦଳ ଭାଗ ନେଇଛନ୍ତି। ୨୮ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ବେହେରାମୁଣ୍ଡା ଓ ଅନକାବେଡା ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଇଥିଲା। ଏଥିରେ ବେହେରାମୁଣ୍ଡା ଦଳ ବିଜୟୀ ହୋଇଥିଲା। ରମେଶ ମହାରଣା ଏବଂ ତ୍ରିଲୋଚନ ସୁନାନୀ ଅମ୍ପାୟରର ଦାୟିତ୍ୱ ତୁଲାଇଥିଲେ। ମଣ୍ଟୁ ବାଘ ସ୍କୋରର, ସୁରେଶ ଜାଲି ଏବଂ ବିକାଶ ହରପାଲ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଧୀରେନ୍ଦ୍ର ଜଗତ, ଥବିର ଜାଲ, ଲାବଣ୍ୟ ହରପାଲ, ଦୟାନିଧି ନାୟକ, କେଶବ ସୁନା, ବାସୁଦେବ ସୁନା, ଭୀମସେନ ଡଙ୍ଗରି ପ୍ରମୁଖଙ୍କ ସହ ୟାଙ୍ଗଷ୍ଟର କ୍ଳବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ମାନବ ଚାଲାଣ ନେଇ ଆଇନ ସଚେତନତା

ଗୁଣପୁର,୨୦।୩(ଡି.ଏନ୍.ଏ.)

ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଗୁଣପୁର ବ୍ଲକ୍ ଟଲଣା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ମାନବ ଚାଲାଣ ବିଷୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଏଡିଜେ ତଥା ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବ୍‌ଜଜ୍ ସଙ୍ଗୀତା ମଲିକ, ଏସ୍‌ଡିଜେଏମ୍ ଦୀପଙ୍କର ବଳ ପ୍ରମୁଖ ଯୋଗଦେଇ ମାନବ ଚାଲାଣ ଏକ ଅପରାଧ। ଶ୍ରମ ବିଭାଗ କିମ୍ବା ପୋଲିସ ନିକଟରେ ନିଜର ନାମ ପଞ୍ଜୀକରଣ କରି ବାହାରକୁ କାମ ପାଇଁ ଯିବା ନିୟମ ରହିଥିବା ବୁଝାଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଏହି ନିୟମର ଖିଲାପ କରି ଶ୍ରମିକମାନଙ୍କୁ ବାହାରକୁ ଚାଲାଣ କଲେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ତେଣୁ ଏ ଦିଗରେ ସମସ୍ତେ ସଚେତନ ହେବା ଜରୁରୀ ବୋଲି ସେ କହିଥିଲେ। ଓକିଲ ସଂଘର ସମ୍ପାଦକ ରମେଶ ଚନ୍ଦ୍ର ଲିମା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟଲଣା ସରପଞ୍ଚ ଇନାନ ଶବର, ପୋଲିସ ଏସ୍‌ଆଇ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁ ଲାଗି ୧ ବଖରା ଜଳିଗଲା

ଚନ୍ଦ୍ରପୁର,୨୦।୩(ଡି.ଏନ୍.ଏ.)
ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ବୁଡ଼ିବାଲି ପଞ୍ଚାୟତ ଅଧୀନ ବାଉଡୁବେଡ଼ା ଗ୍ରାମର ଲଙ୍ଗେସା କ୍ରିଟାଗାଙ୍କ ଘରେ ଶନିବାର ନିଆଁ ଲାଗି ୧ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଲଙ୍ଗେସାଙ୍କ ଘରର ଆସବାବପତ୍ର, ଧାନ, ଚାଉଳ ଏବଂ ଲୁଗାପଟା ପୋଡ଼ି ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ଲଙ୍ଗେସାଙ୍କ ଆର୍ଥିକ ସ୍ଥିତି ଖରାପ। ସକାଳୁ ସେ ସ୍ତ୍ରୀଙ୍କ ସହ ମହୁଲ ଗୋଟାଇବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ଘରେ ହଠାତ ନିଆଁ ଲାଗିଥିଲା।



ଗ୍ରାମବାସୀ ଦେଖି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୩ ବଖରା ମଧ୍ୟରୁ ଗୋଟିଏ ବଖରା ଜଳିଯାଇଥିଲା। ଅଧିକାଂଶ ଜିନିଷ ପୋଡ଼ି ନଷ୍ଟ ହୋଇଥିବାରୁ ଏବେ ଦମ୍ପତିଙ୍କ ନିକଟରେ ଖାଇବା ପାଇଁ ମଧ କିଛି ନ ଥିବା ଜଣାପଡ଼ିଛି। ତେଣୁ ଚନ୍ଦ୍ରପୁର ତହସିଲଦାର ଶୀଘ୍ର ଏଥିପ୍ରତି ଦୃଷ୍ଟିଦେଇ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ ଏ ନେଇ ପଚାରିବାରୁ ସେ କହିଛନ୍ତି, ଆର୍‌ଆଇଙ୍କୁ ପଠାଇ ଶୀଘ୍ର ପଲିଥିନ୍ ଦେବାର ବ୍ୟବସ୍ଥା କରାଯିବ। ତେବେ ଲିଖିତ ଅଭିଯୋଗ ହେଲେ ସରକାରୀ ସହାୟତା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଘରୁ ଲୁଟିନେଲେ ୭ ଭରି ସୁନା, ଟଙ୍କା

ଗୁଣପୁର,୨୦।୩(ଡି.ଏନ୍.ଏ.)–

ଗୁଣପୁର ବାଇପାସ ରାସ୍ତା ଗଣେଶ ନଗର ସାହିରେ ଶୁକ୍ରବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ତାଲା ପଡ଼ିଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରୁ ୭ ଭରି ସୁନା ଏବଂ ୧୭ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ସାହିର କମଳ ଲୋଚନ ବାଉରୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଶୁକ୍ରବାର ରାତିରେ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଥିଲେ। କମଳଙ୍କ ଜ୍ୱାଇଁ ଜାଣିବା ପରେ ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି।

# କୃଷିବଜାର ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ

କୋଡ଼ିଙ୍ଗା/କୋଷାଗୁମୁଡ଼ା, ୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ଏବଂ କୋଡିଙ୍ଗା ସବ୍ ମାର୍କେଟ ୟାର୍ଡରେ ଶନିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କୃଷି ବଜାର ଶିଳାନ୍ୟାସ କରିଛନ୍ତି। କୋଡିଙ୍ଗା ସବ୍ ମାର୍କେଟ ୟାର୍ଡ ମଧ୍ୟରେ



କୋଷାଗୁମୁଡ଼ାରେ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

୨ କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ କୃଷି ବଜାରର ଭିତ୍ତିଭୂମି, ଉନ୍ନତୀକରଣ, ଆଲୋକୀକରଣ କରାଯିବା ଲକ୍ଷ୍ୟ ରହିଛି। ଧାନ ବିକି ଟଙ୍କା ପାଇ ନ ଥିବା ଚାଷୀମାନେ ଏମ୍‌ପି ଓ ବିଧାୟକଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। କୋଡିଙ୍ଗା ଅଞ୍ଚଳ ବିକାଶ ପରିଷଦ ୩ ଦଫା ଦାବି ନେଇ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଉପଜିଲାପାଳ ଭାସ୍କର ରଇତ, ବ୍ଲକ ଅଧ୍ୟକ୍ଷା ଗୀତାମଣୀ ସମରଥ,ଉପାଧ୍ୟକ୍ଷ ପଦମ ସାଏ ମାଳି, କୋଡିଙ୍ଗା ତହସିଲଦାର ସବ୍ୟସାଚୀ ଜେନା, ଏମ୍‌ପିଙ୍କ ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସଭା ସଦସ୍ୟଙ୍କ ବ୍ଲକ ପ୍ରତିନିଧି ବଦ୍ରିନାରାୟଣ ସିଂ, ସରପଞ୍ଚ, ଗ୍ରାମବାସୀ ଓ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଉପସ୍ଥିତ ଥିଲେ।

# ୭ ଦିନରେ ଘର ନିର୍ମାଣ ଆରମ୍ଭ ନ କଲେ କାର୍ଯ୍ୟାନୁଷ୍ଠାନ

ନବରଙ୍ଗପୁର,୧୯।୩(ବି.ପ୍ର.)

ଆବାସ ଯୋଜନାରେ ହିତାଧିକାରୀମାନେ ଶୁକ୍ରବାର ପାପଡ଼ାହାଣ୍ଡି ବିଡିଓଙ୍କୁ ଭେଟିଛନ୍ତି। ବ୍ଲକର ୧୧୭ ହିତାଧିକାରୀଙ୍କୁ ରେଡ୍ ନୋଟିସ ଜାରି କରାଯାଇଛି। ନୋଟିସ ଜାରି ହେବାର ୭ ଦିନ ମଧ୍ୟରେ ଘର କାମ ଆରମ୍ଭ କରିବାକୁ ସେଥିରେ ଉଲ୍ଲେଖ ରହିଛି। ଘର ତିଆରି ଟଙ୍କା ମଧ୍ୟସ୍ଥି ଓ ଠିକାଦାର ନେଇ ଯାଇଥିବା ହିତାଧିକାରୀମାନେ ବିଡିଓଙ୍କୁ କହିଛନ୍ତି।

ପାପଡାହାଣ୍ଡି ବ୍ଲକର ୧୧୭ ଜଣ ହିତାଧିକାରୀ ଆବାସ ଯୋଜନା ମାଧ୍ୟମରେ ଘର ପାଇଛନ୍ତି। ତେବେ ବର୍ଷେ ହେବ ସେମାନଙ୍କ ଘରକାମ ସରିନି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ୫ ଦିନ ହେବ ସେମାନଙ୍କୁ ରେଡ୍ ନୋଟିସ ଜାରି କରାଯାଇଛି। ନୋଟିସ ପାଇବାର ୭ ଦିନ ମଧ୍ୟରେ କାମ ଆରମ୍ଭ ନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଘର ନିର୍ମାଣ କରିବା ପାଇଁ ଠିକାଦାର ଟଙ୍କା ନେଇ ଅଧାପନ୍ତରିଆ କରି ଛାଡ଼ି ଦେଇଛନ୍ତି। ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଶଶିକାନ୍ତ ଦାଶ, ଗ୍ରାମ ରୋଜଗାର ସେବକ ବିକାଶ ନାୟକ ଓ ସରପଞ୍ଚ ଲକିନାଥ ତୁରନ୍ତ ଘର କାମ ଶେଷ କରିବାକୁ ତାଗିଦ କରିବା ସହ ରେଡ୍ ନୋଟିସ ଦେଇଛନ୍ତି ବୋଲି କଣ୍ଡାମାଳ ପଞ୍ଚାୟତର ହିତାଧିକାରୀ ହେମ ଜାନି, ଘାସି ଜାନି, କୁମର ଜାନି, ହରି ଜାନି କହିଛନ୍ତି। ଏଭଳି ଘଟଣା ଜିଲାର ପ୍ରତ୍ୟେକ ବ୍ଲକରେ ଘଟୁଛି। ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମାଧାନ କରନ୍ତୁ ବୋଲି ଦାବି ହୋଇଛି।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ, ବସ୍ ପାସ୍

ତେନ୍ତୁଳିଖୁଣ୍ଟି, ୨୦।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶନିବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବ୍ଲକର ୧୫ ପଞ୍ଚାୟତର ୪୦୫ ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ୪୦ଜଣଙ୍କୁ ଟ୍ରାଇ ସାଇକେଲ ଓ ୪୦ଜଣଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଛି। ଯେଉଁମାନଙ୍କ ନାମ ଏହି ଶିବିରରେ ପଞ୍ଜୀକରଣ କରାଯାଇଛି ସେମାନଙ୍କୁ ତୁରନ୍ତ ଭତ୍ତା ଦେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ପଦ୍ମନାଭ ତ୍ରିପାଠୀ କହିଛନ୍ତି। ଡାକ୍ତର ନବଘନ ସେଠୀ, ଘନଶ୍ୟାମ ବେହେରା, ଅସୀମା ମଲିକ,ବିଭୁଦତ୍ତ ସେଠୀ, ଶିବପ୍ରସାଦ ସାହୁ, ମାନସ ରଞ୍ଜନ ବିଶ୍ୱାଳ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଅତିଥିମାନେ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଯଶୋବନ୍ତ ପଣ୍ଡା ଶିବିର ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସୁନା ଏଥିରେ ସହଯୋଗ କରିଥିଲେ।

## ଫାଇନାଲରେ ସୂରିୟା-୧୧

ନବରଙ୍ଗପୁର/ଧୋଡ୍ରା,୨୦।୩
(ବି.ପ୍ର./ଡି.ଏନ୍.ଏ.)
ଶହିଦ ରୋମିଓ ବେନିୟା ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ମ୍ୟାଚର ଫାଇନାଲକୁ ସୂରିୟା ୧୧ କୋଣ୍ଡାଗାଁ ଟିମ୍ ଯାଇଛି। ଶୁକ୍ରବାର ସୂରିୟା ୧୧ କୋଣ୍ଡାଗାଁ ଓ କଟପାଡ଼ ମଧ୍ୟରେ ନବରଙ୍ଗପୁର ଚର୍ଚ୍ଚ ଗ୍ରାଉଣ୍ଡରେ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ସୂରିୟା ୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ନିର୍ଦ୍ଧାରିତ ୧୫ ଓଭର ମ୍ୟାଚରେ ସମସ୍ତ ଉଇକେଟ ହରାଇ ଦଳ ୧୧୬ ରନ ସଂଗ୍ରହ କରିଥିଲା। କୋଟପାଡ଼ ଦଳ ମାତ୍ର ୪୯ ରନ୍ କରିଥିଲା। ଏହାର ଫାଇନାଲ ମ୍ୟାଚ ରବିବାର ଖେଳାଯିବ।

# ନୂଆ ରୂପ ପାଇବ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ


ଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।

ଦୁର୍ଗୀ,୨୦।୩–

**ମୋ ସ୍କୁଲ ଅଭିଯାନ**

ମୋ ସ୍କୁଲ ଅଭିଯାନରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟକୁ ଚୟନ କରାଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଶନିବାର ସ୍କୁଲ ପରିଦର୍ଶନ କରି ଏହାର ପରିସରକୁ କିପରି ସୁନ୍ଦର କରାଯାଇପାରିବ ସେ ବିଷୟରେ ପ୍ରଧାନଶିକ୍ଷକ ଏବଂ ଡିଇଓଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଇ-ଶିକ୍ଷା ସହ ଅନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପିଲାମାନଙ୍କୁ କହିଥିଲେ। ଅନ୍ୟପକ୍ଷରେ ବ୍ଲକ୍ ପାଣ୍ଠି, ଏସ୍‌ଏଫ୍‌ସି, ଜିଲା ପରିଷଦ ପାଣ୍ଠି, ବିଧାୟକ ଓ ଏମ୍‌ପି ପାଣ୍ଠି ସମେତ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଶୀଘ୍ର ଏହି ସ୍କୁଲ ନୂଆ ରୂପ ପାଇବ ବୋଲି ଜିଲାପାଳ କହିଥିଲେ। ଏଠାରୁ ଜିଲପାଳ ଦୁର୍ଗୀ ଜଗନ୍ନାଥ ମନ୍ଦିରକୁ ଯାଇ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ।

# କାଶୀପୁରରେ 'ଉନ୍ନତ' ପ୍ରକଳ୍ପ ନେଇ କର୍ମଶାଳା

ରାୟଗଡ଼ା ଅଫିସ/ଟିକିରି,୨୦।୩(ଡି.ଏନ୍.ଏ.)

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍) ପକ୍ଷରୁ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ନିମନ୍ତେ ଚାଲିଛି ଉନ୍ନତ କାର୍ଯ୍ୟକ୍ରମ। ଏହାକୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ମଧ କାର୍ଯ୍ୟକାରୀ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଏକ ବ୍ଲକ୍ ସ୍ତରୀୟ ପ୍ରକଳ୍ପ ଶୁଭାରମ୍ଭ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାଶୀପୁରରେ ଏହି ପ୍ରକଳ୍ପ ଆରମ୍ଭ କରିବା ଏବଂ ପ୍ରକଳ୍ପ ବିଷୟରେ ସରକାରୀ ଅଧିକାରୀ, ପିଆର୍‌ଆଇ ସଦସ୍ୟ ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ପରିବାର, ଜଙ୍ଗଲ ଅଧିବାସୀଙ୍କ ଆୟ ବୃଦ୍ଧି ଘଟିବ। ଏହି ଅବସରରେ ସରକାରୀ ଯୋଜନାଗୁଡ଼ିକୁ ଏହି ପ୍ରକଳ୍ପ ସହ ମିଶ୍ରଣର ସୁଯୋଗ ଓ ସମ୍ଭାବନା, ପ୍ରକଳ୍ପର ଲକ୍ଷ୍ୟ, ଲାଭ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସରକାରୀ ଅଧିକାରୀମାନେ ବିଭିନ୍ନ ବିଭାଗ ପକ୍ଷରୁ ରହିଥିବା ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ସମସ୍ତ ସହଯୋଗ କରିବେ ବୋଲି କହିଥିଲେ। ରାୟଗଡ଼ା ଆଇଟିଡିଏ ପିଏ ଟୁକୁ ବାରିକ, କାଶୀପୁର ଏବିଡିଓ ବଳରାମ ପାତ୍ର, କାଶୀପୁର ବ୍ଲକ୍ ଅଧ୍ୟକ୍ଷ ରୁଆଇ ମାଝି, ୟୁଏଆଇଏଲ୍‌ର ସିଏସ୍‌ଆର୍ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ସିୱାଇଏସ୍‌ଡିର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ ମହାରଣା ପ୍ରମୁଖ କର୍ମଶାଳାରେ ମଞ୍ଚାସୀନ ଥିଲେ। ସେହିପରି କାଶୀପୁର ଏଏଓ, ଏଏଚ୍‌ଓ, ପ୍ରାଣୀ ଚିକିତ୍ସାଧିକାରୀ, ଉଠା ଜଳସେଚନ ନିଗମ ବ୍ଲକ୍ ଜେଇ ଏବଂ କାଶୀପୁର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମଧ ଉପସ୍ଥିତ ଥିଲେ। ସିୱାଇଏସ୍‌ଡିର ଟିମ୍ ମୁଖ୍ୟ ରମେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଶୀପୁର ବ୍ଲକ୍‌ରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ୟୁଏଆଇଏଲ୍ ଏବଂ ବିଆର୍‌ଏଲ୍‌ଏଫ୍‌ର ପ୍ରୟାସକୁ ପ୍ରଶଂସା କରାଯାଇଥିଲା। କର୍ମଶାଳାରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୫୨ ଏସ୍‌ଏଚ୍‌ଜି ନେତୃବୃନ୍ଦ ଏବଂ ପିଆର୍‌ଆଇ ସଦସ୍ୟ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

इंडियन बैंक Indian Bank
इलाहाबाद ALLAHABAD

**ବାପୁଜୀ ନଗର ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୭୦୫୮ / ୨୫୯୭୦୮୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍
ତା.୧୨.୦୩.୨୦୨୧ରିଖରେ ରେଜିଷ୍ଟ୍ରେଡ ପୋଷ୍ଟ ମାଧ୍ୟମରେ ପଠାଯାଇଥିବା ସଂସ୍ଥା / ବ୍ୟକ୍ତିମାନଙ୍କ ନିକଟକୁ :
**(୧) ଶ୍ରୀ ପଞ୍ଚାନନ ପଟ୍ଟନାୟକ (ଋଣଗ୍ରହୀତା / ବନ୍ଧକଦାତା)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯, ସ୍ଥାୟୀ ଠିକଣା: ବକ୍ସି ଷ୍ଟ୍ରିଟ, ଜୟପୁର, କୋରାପୁଟ, ଓଡିଶା-୭୬୪୦୦୧, **(୨) ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା)**, ସତ୍ତ୍ୱାଧିକାରୀ: ଶ୍ରୀ ପଞ୍ଚାନନ ପଟ୍ଟନାୟକ, ପିତା-ଲୋକନାଥ ପଟ୍ଟନାୟକ, ସଂସ୍ଥା ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯
**(୩)ଶ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ (ଜାମିନ୍‌ଦାର)**, ପିତା-ଲୋକନାଥ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ଡି-୩/୧୨, ମଧୁସୂଦନ ନଗର, ଭୁବନେଶ୍ୱର-୭୫୧୦୨୨, ସ୍ଥାୟୀ ଠିକଣା: ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୧୯।
**ବିଷୟ: ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ବାପୁଜୀ ନଗର ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ଶ୍ରୀ ପଞ୍ଚାନନ ପଟ୍ଟନାୟକ, (ଗୃହ ଋଣ) ଏବଂ ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଇନ୍‌ଫୋସିଟି ଶାଖା, ଭୁବନେଶ୍ୱର ର ଋଣ ଆକାଉଣ୍ଟ ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍, (କ୍ୟାସ କ୍ରେଡିଟ ଋଣ) ।**
ଆପଣମାନେ ଚୁକ୍ତିନାମା ଅନୁଯାୟୀ ବକେୟା ଋଣ ପରିମାଣ ତା.୦୯.୦୩.୨୦୨୧ ସୁଦ୍ଧା **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ କରିବା ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ।
ବକେୟା ଦେୟ **ଟ.୭୫,୬୯,୦୦୩/-** (ତା.୦୯.୦୩.୨୦୨୧ ସୁଦ୍ଧା) ସହିତ ତତ୍ ପରବର୍ତ୍ତୀ ସୁଧ ପରିଶୋଧ କରିବା ନିମନ୍ତେ ନିୟମ ଅନୁଯାୟୀ ବ୍ୟାଙ୍କ ତରଫରୁ ତା୧୦.୦୩.୨୦୨୧ରିଖରେ ଆପଣମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା । ନୋଟିସ୍ ଆପଣମାନଙ୍କ ନିକଟକୁ ରେଜିଷ୍ଟ୍ରେଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଥିଲା, ତାହା ପ୍ରାପ୍ତି ନହୋଇ ଫେରିଆସିଲା ।
ତେଣୁ ଆପଣମାନଙ୍କୁ ଜଣାଇଦିଆଯାଉଛିଯେ ଏହି ନୋଟିସ୍‌ର ୬୦ ଦିନ ମଧ୍ୟରେ **ଟ.୭୫,୬୯,୦୦୩/-** ସହିତ ତା.୧୦.୦୩.୨୦୨୧ ରିଖଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ ପରିଶୋଧ କରନ୍ତୁ ନଚେତ୍ ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ବନ୍ଧକଥିବା ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଉପରୋକ୍ତ ଜାରି ନୋଟିସ୍‌ଟି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧାକାରକୁ ପ୍ରତିହତ କରିବ ନାହିଁ ।
**ସୂଚୀ**
ବନ୍ଧକଥିବା ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା :
**ବନ୍ଧକଥିବା ସମ୍ପତ୍ତି : ଶ୍ରୀ ପଞ୍ଚାନନ ପଟ୍ଟନାୟକ**, ପିତା-ଲୋକନାଥ ପଟ୍ଟନାୟକଙ୍କ ନାମରେ ପଞ୍ଜିକୃତ ଥିବା ସମ୍ପତ୍ତି **(ନଥିପତ୍ର ସଂଖ୍ୟା-୧୧୦୮୧୩୧୬୭୩୮, ତାରିଖ-୧୬.୧୨.୨୦୧୩)** ଯାହା ର **ଫ୍ଲାଟ ନଂ. ୪୦୮, ୪ର୍ଥ ମହଲା, 'ବାସେରା ହାରମୋନୀ'**, ଉନ୍ନତ ନିର୍ମାଣ ଏରିଆ-୧୨୦୦ ବର୍ଗଫୁଟ ଏବଂ ଜମିର ଅବିଭାଜିତ ଅଂଶ ଏକର ୦.୦୧୦ ଡିସିମିଲି,ଯାହାକି **ପ୍ଲଟ ନଂ.୨୭୭, ଖାତା ନଂ.- ୧୦୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.-୪୦ (ଡମଣା)**, ଡିଏସ୍‌ଆରଓ / ତହସିଲି-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ, ହାଲ ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ, ଚଉହଦି: ଉତର-ଖାଲି ଯାଗା, ଦକ୍ଷିଣ-ସିଡି, ପୂର୍ବ- ଖାଲି ଯାଗା, ପଶ୍ଚିମ- ଖାଲି ଯାଗା ।
**ଆୟତାଧିନ ସମ୍ପତ୍ତି :** ଏମ୍‌ଆଇଜି-୨/୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ଅବସ୍ଥିତ ଥିବା ମେସର୍ସ ପିଆର ପଞ୍ଚଦେବ ଏଣ୍ଟରପ୍ରାଇଜେସ୍ ଫାର୍ମର ଷ୍ଟକ ଏବଂ ବୁକ୍ ଡେବ୍‌ଟ୍ସ ବ୍ୟାଙ୍କର ଆୟତାଧିନରେ ଅଛି ।

ସ୍ଥାନ-ଭୁବନେଶ୍ୱର
ତାରିଖ-୨୦.୦୩.୨୦୨୧

କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)

